# BELIEVERS EASTERN CHURCH WORLD HEADQUATERS

ମେଟ୍ରୋପଲିଟାନ୍‌ଙ୍କ କାର୍ଯ୍ୟାଳୟ, ସିନୋଡ୍ ସେକ୍ରେଟାରିଏଟ୍, ସେଣ୍ଟ୍ ଥୋମାସ୍ କମ୍ୟୁନିଟି, ଥିରୁଭାଲ୍ଲା, କେରଳ, ଭାରତ

## ମେଷପାଳକଙ୍କ ପତ୍ର

**ଅକ୍ଟୋବର/ନଭେମ୍ବର ୨୦୨୪**

ସମସ୍ତ ଆର୍ଚ୍ଚବିଶପ୍, ବିଶପ୍, ଯାଜକ, ଡିକନ୍, ଏଭାଞ୍ଜେଲିଷ୍ଟ୍, ଅର୍ଡର୍ ଅଫ୍ ସିଷ୍ଟର୍ସ୍ ତଥା ବିଶ୍ୱବ୍ୟାପି ବିଲିଭର୍ସ ଇଷ୍ଟର୍ଣ୍ଣ ଚର୍ଚ୍ଚର ସମସ୍ତ ବିଶ୍ୱସ୍ତ ମାନଙ୍କୁ ଆଶିର୍ବାଦ ତଥା ଅଭିନନ୍ଦନ । ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ଆମେନ୍! ✠

**ଖ୍ରୀଷ୍ଟରେ ମୋର ପ୍ରିୟମାନେ,**

ଯେପରି ପ୍ରକୃତିର ଋତୁଗୁଡ଼ିକ ଥାଏ ଠିକ୍ ସେହିପରି ଭାବେ ମଣ୍ଡଳୀରେ ମଧ୍ଯ ରହିଅଛି । ଆମର ଆଧାତ୍ମିକ ବର୍ଷ, ଉପବାସ, ଭୋଜ ଏବଂ ଶୃଙ୍ଖଳା ଉଦାହରଣ ସ୍ୱରୂପ, ଉପବାସ, ଦାନ ଦେବା, ମୁଠି ଚାଉଳ ଇତ୍ୟାଦି । ଆମର ଅନୁଶାସନ ଗୁଡ଼ିକ ଆମକୁ ବଳିଷ୍ଠ କରିବା ନିମନ୍ତେ ଏବଂ ଯେପ୍ରକାର ଆମେ ଆଦି ପୁସ୍ତକ ୮:୧୨ ରେ ପାଠ କରୁ "ପୁଣି ଯେ ପର୍ଯ୍ୟନ୍ତ ପୃଥିବୀ ଥିବ, ସେପର୍ଯ୍ୟନ୍ତ ବୁଣା କଟାର ସମୟ, ଶୀତ ଓ ଗ୍ରୀଷ୍ମ, ପୁଣି ଗ୍ରୀଷ୍ମ ଓ ଶୀତକାଳ, ଆଉ ଦିବସ ଓ ରାତ୍ରି ଏହି ସବୁର ନିବୃତ୍ତି ହେବ ନାହିଁ । " ଏହି ଋତୁଗୁଡ଼ିକ ଏବଂ ଏହାକୁ ପାଳନ କରିବା ଆମ ନିମନ୍ତେ ଏକ ବୋଝ ନୁହେଁ କିନ୍ତୁ ଆଶିର୍ବାଦ ଆଣିଥାଏ । ଏବଂ ଆମକୁ ଆହୁରି ଅଧିକ ବଳିଷ୍ଠ ଭାବେ ଏବଂ ଗଭୀର ଭାବେ ଆମ ବିଶ୍ୱାସରେ ଏବଂ ସାକ୍ଷୀ ହେବା ନିମନ୍ତେ  ଆମକୁ ସାହାଯ୍ୟ କରିଥାଏ ।

ନଭେମ୍ବର ମାସକୁ ନୂତନ ଲିଟର୍ଜିକାଲ୍ ବର୍ଷ ଭାବେ ଚିହ୍ନଟ କରିଥାଏ । ଯେପରି ତାହାଙ୍କ ପତ୍ରରେ, ଯେଉଁ ଘୋଷଣା ଓ ଆଗମନର ପବିତ୍ର କାଳକୁ ସ୍ୱାଗତ କରିଥାଏ । ଏହା ଏକ ଉପଯୁକ୍ତ ସମୟ ଯେଉଁ ସମୟରେ ବିଗତ ବର୍ଷରେ କରାଯାଇଥିବା ସମର୍ପଣକୁ ପୁଣିଥରେ ଅବୋଲକନ କରି ଏହି ବର୍ଷ ନିମନ୍ତେ, ବାକ୍ୟ ପଠନ, ମଣ୍ଡଳୀକୁ ଯିବାରେ ବଂଚିତ କରେ । ଆମେ ଏକ ନିଷ୍ପତ୍ତି ନେବା  ଉପାସନାଳୟକୁ ଯିବା, ପବିତ୍ର ପ୍ରଭୁଭୋଜରେ ଅଂଶୀ ହେବା ଏବଂ ପାରିବାରିକ ଉପାସନାକୁ ଅଧିକ ଗୁରୁତ୍ୱ ଦେବା । ମଣ୍ଡଳୀର ସମସ୍ତ ବିଷୟରେ ସହୋଯୋଗ କରିବା ସହିତ ନିଜର ଦାନ ଏବଂ ପରମେଶ୍ୱର ଦେଇଥିବା ବରଦାନ ଗୁଡ଼ିକୁ ପରମେଶ୍ୱରଙ୍କ ମଣ୍ଡଳୀ ନିର୍ମାଣ କରିବା ନିମନ୍ତେ ବ୍ୟବହାର କରିବା ଏବଂ ଅନ୍ୟମାନଙ୍କ ସହିତ ପରମେଶ୍ୱରଙ୍କ ପ୍ରେମକୁ ବାଣ୍ଟିବା ।

ମୁଁ ପିତାମାନଙ୍କୁ ନିବେଦନ କରେ ନିଜ ନିଜର ପିଲାମାନଙ୍କୁ ମଣ୍ଡଳୀର କ୍ୟାଲେଣ୍ଡର୍ ପାଳନ ବିଷୟରେ ଶିକ୍ଷା ଦେବା ନିମନ୍ତେ । ସେମାନଙ୍କ ଆତ୍ମିକ ଗଠନ ଘରୁ ଆରମ୍ଭ ହୋଇଥାଏ । ଏହା ହିଁ ତାଙ୍କର ମୁଳଦୂଆ, ଅଟେ । ସେମାନେ ପ୍ରାର୍ଥନା କରିବା, ଉପବାସ କରିବା. ଦାନ ଦେବା, ଏବଂ ବିଶ୍ୱାସରରେ ବଂଚିବା ଅଳ୍ପ ବୟସରୁ ଶିଖନ୍ତୁ । ଯୁବାଯୁବତୀମାନଙ୍କୁ ପାଇଁ ମୁଁ ପ୍ରେରିତ ସାଧୁ ପାଉଲଙ୍କ ଶବ୍ଦରୁ ପ୍ରତିଧ୍ୱନୀ କରେ "ତୁମ୍ଭର ଯୌବନାବସ୍ଥା ସକାଶେ କେହି ତୁମ୍ଭକୁ ତୁଚ୍ଛ ନକରୁ, କିନ୍ତୁ ବାକ୍ୟ, କର୍ମରେ, ଆଚରଣରେ ଆଦର୍ଶ ସ୍ୱରୂପ ହୁଅ" । ୧ମ ତିମଥୀ ୪:୧୨

ଆମେ ଯେତେବେଳେ ପବିତ୍ର ମଣ୍ଡଳୀର ଏହି ନୁତନ ବର୍ଷରେ ଖ୍ରୀଷ୍ଟଙ୍କଠାରେ ପ୍ରବେଶ କରୁ ଆସନ୍ତୁ, ଏହାକୁ ସମୟର ଏକ ଚିହ୍ନ ସ୍ୱରୁପେ ନୁହେଁ, ବରଂ ନିଜକୁ ପୂର୍ଣ୍ଣ ସମର୍ପଣ କରିବାର ଏକ ସୁଯୋଗ ଭାବେ ଏହାକୁ ଗ୍ରହଣ କରୁ, । ଆମର ସଂକଳ୍ପ ସଂସାରିକତାରୁ ଭିନ୍ନ ମାନବ ଇଚ୍ଛା ଶକ୍ତିରେ ନୁହେଁ ବରଂ ଈଶ୍ୱରଙ୍କ କୃପା ଓ ଶକ୍ତିରେ ଏହାର ମୁଳଦୂଆ ସ୍ଥାପିତ । ଆସନ୍ତୁ ମିଳିତ ଭାବେ ଏହି ବର୍ଷର ଋତୁ ଦେଇ ଯାତ୍ରା କରୁ କରୁ ଆନନ୍ଦରେ ଉତ୍ସବ ପାଳନ କରିବା ଏବଂ ନମ୍ରତା ଅବଂ ଅନୁତାପରେ ଉପବାସ ପାଳନ କରୁ । ତେବେ ଆମେ ଏକତ୍ର ଖ୍ରୀଷ୍ଟଙ୍କ ଠାରେ ଏକ ଶରୀର ଭାବେ ବଢ଼ି ଚାଲିବା  । ମୁଁ ସାଧୂ ପାଉଲଙ୍କ ସହିତ ପ୍ରାର୍ଥନା ସହ ସଂଯୁକ୍ତ ହୁଏ । " ଯେପରି ତୁମ୍ଭେମାନେ ପ୍ରେମରେ ବଦ୍ଧମୂଳ ଓ ଦୃଢ଼ ରୁପେ ସ୍ଥାପିତ ହୋଇ, ବୋଧର ଅଗମ୍ୟ ଯେ ଖ୍ରୀଷ୍ଟଙ୍କ ପ୍ରେମ ତାହା ଜ୍ଞାତ ହୁଅ ଏବଂ ସମସ୍ତ ସାଧୂଙ୍କ ସହିତ ସେଥିର ଦୈର୍ଘ୍ୟ ଓ ପ୍ରସ୍ଥ, ଉଚ୍ଚତା ଓ ଗଭୀରତା ବୁଝିବାକୁ ଶକ୍ତି ପ୍ରାପ୍ତ ହୁଅ । ଆଉ ଏହି ପ୍ରକାରେ ଈଶ୍ୱରଙ୍କ ସମସ୍ତ ପୂର୍ଣ୍ଣତାରେ ପରିପୂର୍ଣ୍ଣ ହୁଅ ।"

ଏଫିସୀୟ ୩:୧୭-୧୯ ତ୍ରିତ୍ୱ ଈଶ୍ୱରଙ୍କ ଅପରିମେୟ ଶକ୍ତି ଯାହା ଆମ ମଧ୍ୟରେ କାର୍ଯ୍ୟ କରେ, ସମସ୍ତ ସାଧୁ ପବିତ୍ର ପ୍ରଭୁଙ୍କ ମାତା ଏବଂ ଆମ୍ଭମାନଙ୍କ ଜୀବନ ଦ୍ୱାରା ବର୍ତ୍ତମାନ ଏବଂ ଅନନ୍ତକାଳ ପର୍ଯ୍ୟନ୍ତ ଗୌରବ ଏବଂ ସମ୍ମାନ ଆଣିଦେଉ । ଆମେନ୍ ।✠

ଖ୍ରୀଷ୍ଟରେ, ଆପଣମାନଙ୍କର ପିତା,

ମୋରାନ୍ ମୋର୍ ଶାମୁଏଲ ଥିଓଫିଲସ୍
ମେଟ୍ରୋପଲିଟାନ୍

ତାରିଖ : ୨୪ ଅକ୍ଟୋବର୍ ୨୦୨୪
ସ୍ଥାନ : ବିଶ୍ୱ ମୁଖ୍ୟ କାର୍ଯ୍ୟାଳୟ